# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 8 October - 2024

### News Editor : Itishree Singh Rathaur

*****************************

## ମୁଖ୍ୟ ସମ୍ବାଦ

- ସଚ୍ଚୋଟତା, ସ୍ୱଚ୍ଛତା ଓ ସାଧୁତାକୁ ଅବଲମ୍ବନ କରି ଲୋକଙ୍କ ସେବା କରିବାକୁ ନବନିଯୁକ୍ତଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

— ୩ଟି ବିଭାଗରେ ୨୮୪ ଜଣଙ୍କୁ ପ୍ରଦାନ କଲେ ନିଯୁକ୍ତିପତ୍ର

- ମାଓବାଦୀ ପ୍ରଭାବିତ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଗ୍ରାମୋଦୟ କାର୍ଯ୍ୟକ୍ରମ ଆରମ୍ଭ କଲେ ରାଜ୍ୟ ସରକାର

- ଶ୍ରେଷ୍ଠ ଓଡ଼ିଆ ଫିଚର ଚଳଚ୍ଚିତ୍ର ଭାବେ 'ଦମନ'କୁ ମିଳିଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର

- ଚଳିତବର୍ଷ ପଦାର୍ଥବିଜ୍ଞାନରେ ବୈଜ୍ଞାନିକ ଜନ୍.ଜେ.ହୋପ୍‌ଫିଲ୍ଡ ଓ ଜେଫ୍ରି.ଇ.ହିଣ୍ଟନଙ୍କୁ ମିଳିବ ନୋବେଲ ପୁରସ୍କାର

ଏବଂ

- ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଷଷ୍ଠୀପୂଜା ଆସନ୍ତାକାଲି; କମିଶନରେଟ୍ ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା

# ମୁଖ୍ୟମନ୍ତ୍ରୀ-ନିଯୁକ୍ତି ପତ୍ର ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଓଡ଼ିଶା ଖଣି ନିଗମରେ ନବନିଯୁକ୍ତ ୨୮୪ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସଚ୍ଚୋଟତା, ସ୍ୱଚ୍ଛତା ଓ ସାଧୁତାକୁ ଅବଲମ୍ବନ କରି ଲୋକଙ୍କ ସେବା କରିବାକୁ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କର କଲ୍ୟାଣ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ। ସରକାରଙ୍କ ପ୍ରତିଟି ପଦକ୍ଷେପ ଓ ଯୋଜନାଗୁଡ଼ିକ କୋଣ-ଅନୁକୋଣରେ ପହଞ୍ଚାଇବା ତଥା ସେଗୁଡ଼ିକର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଶକ୍ତିବିଭାଗକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ବିଦ୍ୟୁତ ବିଭାଗରେ ସଂସ୍କାର ଓ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିଭଳି ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ଦିନରେ ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ।

ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯୋଗଦେଇଥିଲେ।

## ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବାରିପଦାରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ସହାୟତାରାଶି ପ୍ରଦାନ କରିବେ। ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ହିତାଧିକାରୀଙ୍କୁ ସହାୟତା ଦିଆଯିବ। ରାଜ୍ୟର ଏକ କୋଟି ୨୦ହଜାର ମହିଳା ଗତକାଲିସୁଦ୍ଧା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି  ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ଖଣ୍ଡଗିରି ଗୁମ୍ଫା ଶୁଣାଣି

ଓଡିଶା ହାଇକୋର୍ଟରେ ଆଜି ଖଣ୍ଡଗିରି ଗୁମ୍ଫା ଜବର୍ ଦଖଲ ମାମଲାର ଶୁଣାଣି ହୋଇଛି। ଗୁମ୍ଫାର ସ୍ଥିତି ପରଖିବା ପାଇଁ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ କୋର୍ଟ ମିତ୍ର ଖଣ୍ଡଗିରି ଗୁମ୍ଫାର କିଛି ଅଂଶ ଜବରଦଖଲ ହୋଇଥିବା ରିପୋର୍ଟ ଦେଇଥିଲେ। ତୁରନ୍ତ ଏହାକୁ ଜବରଦଖଲ ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣିବେଳେ ଖୋର୍ଦ୍ଧା ଜିଲ୍ଲାପାଳ, ଭୁବନେଶ୍ୱର ଡିସିପି ଏବଂ ଭୁବନେଶ୍ୱର ସର୍କଲର ଏଏସ୍ଆଇ ଅଧିକାରୀ ଉପସ୍ଥିତ ଥିଲେ।

## ନିର୍ବାଚନ-ଫଳାଫଳ

ହରିୟାଣାରେ ଭାରତୀୟ ଜନତା ପାଟିକୁ ସ୍ପଷ୍ଟ ବହୁମତ ମିଳିଛି। ହରିୟାଣାରେ ତୃତୀୟ ଥର ପାଇଁ ବିଜେପି ସରକାର ଗଠନ କରିବାକୁ ଯାଉଛି। ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ୯୦ ଆସନବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନରେ ବିଜେପି ୪୨ଟି ଆସନରେ ବିଜୟଲାଭ କରିଥିବାବେଳେ ୬ଟି ଆସନରେ ପ୍ରାର୍ଥୀମାନେ ଆଗୁଆ ଅଛନ୍ତି। ସେହିପରି ଭାରତୀୟ ଜାତୀୟ କଂଗ୍ରେସର ପ୍ରାର୍ଥୀମାନେ ୩୫ଟି ଆସନରେ ବିଜୟଲାଭ କରିଥିବାବେଳେ ୨ଟି ଆସନରେ ଆଗୁଆ ଅଛନ୍ତି। ଆଇ.ଏନ୍.ଏଲ୍.ଡିର ପ୍ରାର୍ଥୀମାନେ ୨ଟି ଆସନରେ ବିଜୟ ଲାଭ କରିଥିବାବେଳେ ୩ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିଭଳି ଜମ୍ମୁ-କାଶ୍ମୀର ବିଧାନସଭାରେ କଂଗ୍ରେସ ଏବଂ ନ୍ୟାସନାଲ କନ୍‌ଫରେନ୍‌ସ୍ ମେଣ୍ଟ ୪୨ଟି ଆସନରେ ଆଗୁଆ ଥିବାବେଳେ ବିଜେପି ପ୍ରାୟ ୨୯ଟି ଆସନରେ ଆଗୁଆ ଥିବା ଜଣାପଡିଛି।

## ଗ୍ରାମୋଦୟ ଯୋଜନା

ରାଜ୍ୟର ମାଓବାଦୀ ପ୍ରଭାବିତ ଅଂଚଳଗୁଡ଼ିକର ସାମଗ୍ରୀକ ବିକାଶ ପାଇଁ ସରକାର ଗ୍ରାମୋଦୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଥିରେ ୧୦ଟି ଜିଲ୍ଲାର ୫୮୩ଟି ଗ୍ରାମର ଲୋକଙ୍କୁ ସରକାରୀ ଯୋଜନା ପହଞ୍ଚାଇବା ଦିଗରେ ପଦକ୍ଷେପ ନିଆଯିବ। ଏହାର ତଦାରଖ କରିବା ପାଇଁ ମୁଖ୍ୟ ଶାସନ

ସଚିବଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷଣ କମିଟି କାର୍ଯ୍ୟ କରିବ। ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବା ସହ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରିବା ପାଇଁ ଜନସମ୍ପର୍କ ଶିବିର, ଗ୍ରାମସଭା, ଅଭିଯୋଗ ଶୁଣାଣି ଆଦିର ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଆଜି ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ବିଭିନ୍ନ ବର୍ଗରେ ମନୋନୀତ ସିନେମା, ଅଭିନେତା, ଅଭିନେତ୍ରୀ, ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଛି। ଚଳିତବର୍ଷ ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ସମ୍ମାନ ମିଳିଛି। ସେ ୪୮ ବର୍ଷର ଅଭିନୟ ଜୀବନରେ ୩୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରି ଲୋକଙ୍କ ହୃଦୟ ଜିତିପାରିଛନ୍ତି। ସେହିଭଳି ଶ୍ରେଷ୍ଠ ଅଭିନେତା ଭାବେ ରିଷଭ୍ ସେଠୀଙ୍କୁ ଚଳଚ୍ଚିତ୍ର କାନ୍ତାରା ପାଇଁ ପୁରସ୍କୃତ କରାଯାଇଛି। ତିରୁଚିତ୍ରମ୍ବଲମ୍ ପାଇଁ ନିତ୍ୟା ମେନନ୍ ଓ ମାନସୀ ପାରେଖ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ଓଡ଼ିଆ ଫିଚର ଚଳଚ୍ଚିତ୍ର ଭାବେ ଆଞ୍ଚଳିକ ବର୍ଗରେ 'ଦମନ'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଫିଲ୍ମର ପ୍ରଯୋଜକ ଦୀପେନ୍ଦ୍ର ସାମଲ, ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ

ଲେଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

## ନୋବେଲ୍ ପୁରସ୍କାର

ମେସିନ୍ ଲର୍ଣ୍ଣିଂର ଆବିଷ୍କାର ଓ ନ୍ୟୁରାଲ ନେଟ୍‌ୱାର୍କ ଡିଜାଇନ୍ ପାଇଁ ଆମେରିକୀୟ ବୈଜ୍ଞାନିକ ଜନ୍.ଜେ. ହୋପ୍‌ଫିଲ୍ଡ ଓ ବ୍ରିଟିଶ୍ କାନାଡିୟାନ୍ ବୈଜ୍ଞାନିକ ଜେଫ୍ରି-ଇ-ହିଣ୍ଟନଙ୍କୁ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଁ ନୋବେଲ କମିଟି ପକ୍ଷରୁ ମନୋନୀତ ହୋଇଛନ୍ତି। ଦୁଇ ବୈଜ୍ଞାନିକଙ୍କ ଆବିଷ୍କାର କୃତ୍ରିମ ସ୍ନାୟୁ ନେଟ୍‌ୱାର୍କ ସହିତ ମେସିନ୍ ଲର୍ଣ୍ଣିଂକୁ ସକ୍ଷମ ନେଇ ପର୍ଯ୍ୟବସିତ।

## ଓପିଏସ୍‌ସିର ନୂତନ ଅଧ୍ୟକ୍ଷ

ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସିର ନୂତନ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ଅରୁଣ କୁମାର ଷଡଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ଓପିଏସ୍‌ସିର ପରୀକ୍ଷା ଓ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଷଡଙ୍ଗୀ କହିଛନ୍ତି। ଶ୍ରୀ ଷଡଙ୍ଗୀଙ୍କର ସରକାରୀ ଚାକିରି ଆଉ ୧୦ମାସ ଥିବାବେଳେ ଗତକାଲି ସେ ତାଙ୍କ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

ସୂଚନାଯୋଗ୍ୟ, ଓପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତିଙ୍କ ଅବସର ପରେ ବରିଷ୍ଠ ସଦସ୍ୟ ଡକ୍ଟର ସରିତା ସୂପକାର ଓପିଏସ୍‌ସିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ ।

## ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜବଲଦଖଲ ହୋଇଥିବା ସରକାରୀ ଜମି ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଭୂମିହୀନଙ୍କୁ ଚିହ୍ନଟ କରିବା, ସିକିମ ସ୍ୱତ୍ତ୍ୱଧାରୀ ଚାଷୀମାନଙ୍କ ସ୍ଥିତିବାନ ପଟ୍ଟାର ତୁରନ୍ତ ସମାଧାନ କରିବାକୁ କୁହାଯାଇଛି । ବୈଠକରେ ୨୭ ହଜାର ୫୧୪ ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବା ତଥା ୧ ହଜାର ୪୩୪ ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

## ନବରାତ୍ରୀ ପୂଜା

ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଆସନ୍ତାକାଲି ଷଷ୍ଠୀ ପୂଜା ଅନୁଷ୍ଠିତ ହେବ । ଏ ନେଇ ଭୁବନେଶ୍ୱର-କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକରେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପୁଲିସ୍ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି,

ପୂଜା ସମୟରେ ଟ୍ରାଫିକ୍ ଓ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ଚଳିତବର୍ଷ ଭୁବନେଶ୍ୱରରେ ୧୮୭ଟି ପେଣ୍ଡାଲ ହୋଇଛି। ସହରର ସୁରକ୍ଷା ପାଇଁ ୩୮ ପ୍ଲାଟୁନ୍ ପୁଲିସ୍ ମୁତୟନ ହେବେ। ସେହିଭଳି କଟକରେ ୧୬୬ଟି ମେଢ଼ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ୬୪ ପ୍ଲାଟୁନ୍ ପୁଲିସ୍ ମୁତୟନ ହେବେ ବୋଲି ଶ୍ରୀ ସିଂ କହିଛନ୍ତି। ପୂଜା ସମୟରେ ଛିନ୍‌ତାଇ ରୋକିବା ପାଇଁ ସାଦା ପୋଷାକରେ ପୁଲିସ୍ ରହିବେ । ଏହା ସହ ପୂଜାମଣ୍ଡପଗୁଡ଼ିକ ସିସିଟିଭି ସର୍ଭେଲାନ୍ସରେ ରହିବ।

କଟକ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଅପରାହ୍ଣ ୪ଟାରୁ ଟ୍ରାଫିକ୍ କଟକଣା ଜାରି କରାଯିବ।

## ଦଶହରା-ବୌଦ୍ଧ

ବୌଦ୍ଧ ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ନବରାତ୍ର ପୂଜା ଚାଲିଛି। ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳାରେ ମନ୍ଦିର ଓ ପୂଜା ମଣ୍ଡପ ଗୁଡିକ ସଜେଇ ହୋଇଛି। ଏ ସମ୍ପର୍କରେ ଆମ ବୌଦ୍ଧ ସମ୍ବାଦଦାତାଙ୍କ ରିପୋର୍ଟ......

**- V/O -**

## କାର୍ତ୍ତିକ ମାସ ନୀତିନିର୍ଘଣ୍ଟ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଛତିଶାନିଯୋଗ ବୈଠକ ଜାରି ରହିଛି। ବୈଠକରେ କାର୍ତ୍ତିକ

ମାସ ନୀତିନିର୍ଘଣ୍ଟ ଏବଂ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ତଥା ରହଣି ଉପରେ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାର୍ବତୀ ବେଶ

**ଭଦ୍ରକ** ଜିଲ୍ଲା ଆରଡ଼ିର ପ୍ରସିଦ୍ଧ ବାବାଆଖଣ୍ଡଳମଣିଙ୍କ ପୀଠରେ ଥିବା ମାଆ ଜୟ ଦୁର୍ଗାଙ୍କର ଆଜି ପାର୍ବତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଏଠାରେ ନୀତିକାନ୍ତିରେ ପୂଜାର୍ଚ୍ଚନା ହେବା ସହ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ଭଦ୍ରକାଳୀ, ଦକ୍ଷିଣେଶ୍ୱରୀ କାଳୀ, ଧାମରାଇ, ପାଟଣ ମଙ୍ଗଳା, ପ୍ରମୁଖ ଶକ୍ତି ପୀଠରେ ପୂଜାର୍ଚ୍ଚନା ହେଉଛି ।

## ପରିଚାଳନା କମିଟି ବୈଠକ

କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ-ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା, ଆବାସ ଯୋଜନା, ସ୍ୱଚ୍ଛଭାରତ ମିଶନ, ସମଗ୍ର ଶିକ୍ଷା ଅଭିଯାନ, ବୃହତ୍ ପାନୀୟ ଜଳ ପ୍ରକଳ୍ପ ଆଦିର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା ।

## ପାଣିପାଗ

ରାଜ୍ୟରେ ପରିଚଳନଜନିତ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଅନୁଗୁଳ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ,

ଢେଙ୍କାନାଳ, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

***********************************